## ସଂକ୍ଷେପରେ

### ଅଫୁଟା ବାଣ ହେଲା କାଳ ବାଣ ଫୁଟାଇ ବାଳକଙ୍କ ଅଙ୍ଗୁଳି କଟିଲା

**ନବରଙ୍ଗପୁର,୨୧।୧୦(ବି.ପ୍ର.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଘାଟଗୁଡା ଗାଁର ଶିବ ପ୍ରସାଦ ନାୟକଙ୍କ ପୁଅ ଜଗା ନାୟକ(୧୫) ଘରେ ବାଣ ଫୁଟାଉଥିବା ବେଳେ ଅସାବଧାନତଃ ଯୋଗୁ ତାଙ୍କର ୩ଟି ଆଙ୍ଗୁଳି କଟିଯାଇଛି। ଜଗା ଦଶହରାରେ ପାପଡାହାଣ୍ଡି ରାବଣ ପୋଡି ଦେଖିବାକୁ ଯାଇଥିଲେ । ସେଠାରୁ ଏକ ଅଫୁଟା ବାଣ ଧରି ସେ ଘରକୁ ଆସିଥିଲେ । ଶନିବାର ଅପରାହ୍ନରେ ଉକ୍ତ ବାଣ ଫୁଟାଇବା ସମୟରେ ବାଣଟି ହାତରେ ଫୁଟି ଯାଇଥିଲା। ଡାହାଣ ହାତର ଆଙ୍ଗୁଳି ପୋଡି ଯିବାସହ ୩ଟି ଆଙ୍ଗୁଳି କଟି ଯାଇଥିଲା । ଗୁରୁତର ଅବସ୍ଥାରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଉଛି।

### ବିଦ୍ୟୁତ ସଂଯୋଗ ଦାବିରେ ରାସ୍ତାରୋକୋ



**କାଶୀନଗର,୨୧।୧୦(ଡି.ଏନ.ଏ):** ତିତ୍‌ଲି ପ୍ରଭାବରେ ଗଜପତି ଜିଲା କାଶୀନଗର ବ୍ଲକର ତିଆଳି ଗ୍ରାମରେ ବିଦ୍ୟୁତ ଖୁଣ୍ଟ ଉପୁଡିଯାଇ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଗତ୧୨ ଦିନ ହେଲା ଲୋକମାନେ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ପରିସ୍ଥିତି ସ୍ୱାଭାବିକ ହୋଇ ନାହିଁ। ତୁରନ୍ତ ବିଦ୍ୟୁତ ସେବା ଯୋଗାଇବା ଦାବିରେ ତିଆଳି ଗ୍ରାମବାସୀ ରବିବାର ରାସ୍ତାରୋକୋ କରିଥିଲେ। ଖବର ପାଇ କାଶୀନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ପରେ ଗ୍ରାମବାସୀ ରାସ୍ତାରୋକୋରୁ ହଟିଥିଲେ।

### ସିପିଏମ୍ ତରଫରୁ ପଲ୍ଲିସଭା

**କାଶୀନଗର,୨୧।୧୦(ଡି.ଏନ୍.ଏ.):** ଗଜପତି ଜିଲା କାଶୀନଗର ବ୍ଲକ ତିଆଳି ଗ୍ରାମରେ ସିପିଏମ ପକ୍ଷରୁ ଏକ ପଲ୍ଲୀସଭା ରବିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ସିପିଏମ୍‌ର ଜିଲା କୃଷକ ମୋର୍ଚ୍ଚା ସଭାପତି କେ. ମିନାରାଓ ଅଧକ୍ଷତା କରିଥିଲେ। ଜନଜାତିମାନେ ଜଙ୍ଗଲରେ ବାସ କରି ସେଠାରେ କାଜୁ, ମହୁଲ, ଆମ୍ବ, ଧାନ ମାଣ୍ଡିଆ ଚାଷ କରି ଜୀବିକା ନିର୍ବାହ କରିଥାନ୍ତି । ବର୍ତ୍ତମାନ ତିତ୍‌ଲି ପ୍ରଭାବରେ ଚାଷ ନଷ୍ଟ ହୋଇଯାଇଥିବା ବେଳେ ବହୁ ଗଛ ଭାଙ୍ଗିଯାଇଛି। ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି । ଅଧିକାଂଶ ଆଦିବାସୀମାନଙ୍କୁ ପଟ୍ଟା ପ୍ରଦାନ କରାଯାଇନାହିଁ । କାର୍ଡଧାରୀଙ୍କୁ ଚାଉଳ ଓ ଏକ ହଜାର ଟଙ୍କା ଯୋଗାଇ ଦେବାକୁ ପ୍ରଶାସନ ତରଫରୁ ଘୋଷଣା କରାଯାଇଛି।ଏହି ନୀତି ଠିକ୍ ନୁହେଁ। ପ୍ରତ୍ୟେକ ଲୋକଙ୍କୁ ଚାଉଳ ଓ ଟଙ୍କା ଦିଆଯିବା ପାଇଁ ବୈଠକରେ ଦାବି କରାଯାଇଥିଲା । ୧୦ ଦିନ ଭିତରେ ଯଦି ପ୍ରଶାସନ କ୍ଷୟକ୍ଷତି ନ ଦିଅନ୍ତି ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କେ. ମିନାରାଓ ଚେତାବନୀ ଦେଇଥିଲେ।

■ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ

# ନିଷ୍ଠାପର, ଦୁର୍ନୀତିମୁକ୍ତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

**ନବରଙ୍ଗପୁର,୨୧।୧୦(ବି.ପ୍ର. )**



ଏସପି ବିବେକାନନ୍ଦ ଶର୍ମା ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ନବରଙ୍ଗପୁର ରିଜର୍ଭ ପୋଲିସ ପଡିଆଠାରେ ୫୯ତମ ପୋଲିସ ଶହୀଦ ସ୍ମୃତି ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏସପି ବିବେକାନନ୍ଦ ଶର୍ମା ଯୋଗ ଦେଇ ଶହୀଦ ଯବାନମାନଙ୍କ ସ୍ମୃତି ଚାରଣ କରିବା ସହ ରାଜ୍ୟପାଳଙ୍କ ବାର୍ତ୍ତା ପାଠ କରିଥିଲେ । ଅତିଥି ଭାବେ ନବରଙ୍ଗପୁର ଜିଲାପାଳ ଡଃ. ଅଜିତ କୁମାର ମିଶ୍ର, ବିଏସଏଫ କମାଣ୍ଡାଣ୍ଟ ଯୋଗ ଦେଇଥିଲେ । ଏହି ଅବସରରେ ଏସପି କହିଥିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅପରାଧ ନିରାକରଣ ତଥା ଜନସାଧାରଣଙ୍କ ଧନ ଜୀବନ ରକ୍ଷା କରିବା ପୋଲିସର ପ୍ରଥମ କର୍ତ୍ତବ୍ୟ । ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ମାଓବାଦୀ ସମସ୍ୟାର ମୁକାବିଲା କରିବା ମଧ ପୋଲିସ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏ ସବୁକୁ ଦୃଢ ହସ୍ତରେ ଦମନ କରିବାକୁ ହେଲେ ପୋଲିସ ବାହିନୀ ସଦାସର୍ବଦା ସଚ୍ଚୋଟ, ସାହାସୀ ଓ ନିଷ୍ଠାପର ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନା କରିବା ସହିତ ଜନସାଧାରଣଙ୍କ ପ୍ରୀୟ ଭାଜନ ହେବା ମଧ ନିତ୍ୟାନ୍ତ ଆବଶ୍ୟକ। ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ ବିନା ଜିଲା ପୋଲିସ ସଫଳତା ପାଇପାରିବ ନାହିଁ। ଏଣୁ ସମସ୍ତେ ଏକାଠି ହୋଇ ଦୁର୍ନୀତିମୁକ୍ତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ୨୦୧୭ ସେପ୍ଟେମ୍ବର ପହିଲାଠାରୁ ଏ ପର୍ଯ୍ୟନ୍ତ ଶହୀଦ ହୋଇଥିବା କର୍ତ୍ତବ୍ୟରତ ପୋଲିସ କର୍ମଚାରୀମାନଙ୍କ ନାମ ଏସପି ପାଠ କରିଥିଲେ । ଶହୀଦଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସମସ୍ତ ଅତିଥିମାନେ ପଡିଆ ମଧ୍ୟରେ ସ୍ଥାପନ କରାଯାଇଥିବା ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ ରିଜର୍ଭ ଇନ୍ସପେକ୍ଟର ତଥା ପରେଡ କମାଣ୍ଡାଣ୍ଟ ଦକ୍ଷିଣ ମାରାଣ୍ଡି ଓ ସେକେଣ୍ଡାଣ୍ଟ କମାଣ୍ଡାଣ୍ଟ ଡି.ଏସ.ଆଇ ରଘୁନାଥ ସାହୁ, ପ୍ଲାଟୁନ କମାଣ୍ଡାଣ୍ଟ ମୃତ୍ୟୁୟ ସେଠୀଙ୍କ ନେତୃତ୍ୱରେ ଏକ ମିଳିତ ପରେଡ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପରିକ୍ଷୀତ ସେଠୀ, ପିଡି ଡିଆରଡିଏ ରମାକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ପୋଲିସ ସଂଘ ସଭାପତି ଗୌରୀ ମାଝୀ ସହଯୋଗ କରିଥିଲେ ।



ଜବରଦଖଲ ସ୍ଥାନରେ ଭଙ୍ଗା ଯାଇଥିବା ଘର।

## ରାସ୍ତା ପାଇଁ ଜବରଦଖଲ ଉଚ୍ଛେଦ

**ନବରଙ୍ଗପୁର,୨୧।୧୦ ( ବି.ପ୍ର. )**

ନବରଙ୍ଗପୁର ଜିଲା ଅଗ୍ନିପୁର ପଞ୍ଚାୟତ ଅଧିନ ହିର୍ଲି ଗାଁ ଠାରେ ପ୍ରଶାସନ ପକ୍ଷରୁ ରାସ୍ତା ପାଇଁ ଜବରଦଖଲ ରବିବାର ଉଚ୍ଛେଦ କରାଯାଇଛି। ହିର୍ଲି ଗାଁ ଠାରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପାଇଁ ଷ୍ଟାଫ କ୍ୱାଟର ନିର୍ମାଣ କରାଯାଇଛି । ତେବେ ସେଠାକୁ ଯାତାୟାତ ପାଇଁ ରାସ୍ତା ନଥିଲା । ଗାଡି ମୋଟର ଯିବା ଆସିବା କରିବାରେ ସମସ୍ୟା ଦେଖା ଦେଉଥିଲା । ଏହାକୁ ଲାଗି ସରକାରୀ ଜମି ରହିଥିଲେ ମଧ କିଛି ଲୋକ ଜବର ଦଖଲ କରି ଘର କରି ରହି ଆସୁଥିଲେ । କ୍ୱାଟର ନିକଟକୁ ରାସ୍ତା ଯୋଗାଇ ଦେବା ପାଇଁ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲ ପକ୍ଷରୁ ୨ଥର ନୋଟିସ ଜାରି କରାଯାଇଥିଲା । ରାସ୍ତା ମପାଯିବା ପରେ ଜବରଦଖଲ ସ୍ଥାନରେ ନିର୍ମାଣ କରିଥିବା ଘର ଜବରଦଖଲକାରୀ ନିଜେ ଭାଙ୍ଗି ଦେବା ପାଇଁ କୁହା ଯାଇଥିଲା । କିନ୍ତୁ କେତେ ଜଣ ଏହା ଶୁଣି ନ ଥିଲେ। ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ତହସିଲଦାର ସିଦ୍ଧାର୍ଥ ପଟ୍ଟନାୟକ, ଏସଡିପିଓ ବିମଳ କାନ୍ତ ବ୍ରହ୍ମା, ନବରଙ୍ଗପୁର ଥାନା ଅଧିକାରୀ ଭିମସେନ ନାୟକ, ଏସଆଇ ଦିଲ୍ଲିପ ପ୍ରଧାନ, ଏଏସଆଇ ଅଶୋକ କୁମାର ଦେଓ ଏବଂ ୨ ପ୍ଲାଟୁନ ଏପିଆର ଫୋର୍ସ ଉପସ୍ଥିତରେ ଜବର ଦଖଲ ଉଚ୍ଛେଦ କରାଯାଇଥିଲା।

## ପ୍ରଧାନ ଶିକ୍ଷକଙ୍କ ଘରୁ ଚୋରି

**ନବରଙ୍ଗପୁର,୨୧।୧୦( ବି.ପ୍ର.)**

ନବରଙ୍ଗପୁର ଆରସିଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅସିମ କୁମାର ବିଶ୍ୱାସଙ୍କ ଘରୁ ଚୋରୀ ହୋଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି । ହାଇସ୍କୁଲ ପରିସରରେ ରହିଥିବା କ୍ୱାଟରରେ ସେ ୮ ବର୍ଷ ହେବ ରହି ଆସୁଛନ୍ତି । ୧୬ ତାରିଖରେ ସେ ଘରେ ତାଲା ପକାଇ ପରିବାର ସହ ଗାଁକୁ ଯାଇଥିଲେ । ରବିବାର ମଧ୍ୟାହ୍ନରେ ଘରକୁ ଫେରିବା ପରେ ଚୋରୀ ହୋଇଥିବା ଜାଣିବାକୁ ପାଇଥିଲେ । ବେଡରୁମ ଉପର ଆଜବେଷ୍ଟସ ଭାଙ୍ଗି ଚୋରମାନେ ଘରେ ପ୍ରବେଶ କରି ଏକ ଏଲଇଟି ଟିଭି. ସାଉଣ୍ଡ ସ୍ପିକର ୨ଟି, ଖୁଚୁରା ପଇସା ରଖିଥିବା କୁଣ୍ଡି ୩ଟି ଭାଙ୍ଗି ସେଥିରେ ଥିବା ଟଙ୍କା, ଆଲମିରାରେ ଥିବା ଗୋଟିଏ ଲାପଟପ୍, ୩ ହଳ ପାଉଁଜି, କିଛି ନୂଆ ଶାଢୀ ଓ ପୋଷାକ ଆଦି ଚୋରୀ ହୋଇଥିବା ପ୍ରଧାନ ଶିକ୍ଷକ ବିଶ୍ୱାସ ଥାନାରେ ଜଣାଇଛନ୍ତି । ତେବେ ଚୋରମାନେ ଆଲମିରାର ତାଲା ଭାଙ୍ଗି ନାହାନ୍ତି । କୌଶଳ କ୍ରମେ ଆଲମିରା ତାଲା ଖୋଲି ଜିନିଷ ସବୁ ନେବା ପରେ ଚୋର ମାନେ ପୁଣି ତାଲା ପକାଇ ଦେଇଥିବା ଅନୁମାନ କରାଯାଉଛି। ଘରର ବିଭିନ୍ନ ସାମଗ୍ରୀ ତଳେ ଏଣେତେଣେ ପଡିଛି। ନବରଙ୍ଗପୁର ସହରରେ ଚୋରୀ ଘଟଣା ବୃଦ୍ଧି ପାଉଥିବା ବେଳେ ପୋଲିସ ଚୋରଙ୍କୁ ଧରିବା ବିଫଳ ହେଉଥିବାରୁ ଏଭଳି ଘଟଣା ବୃଦ୍ଧି ପାଉଛି ।

## କଳାର ସମାଜର ନୂଆଖାଇ ଭେଟ୍‌ଘାଟ୍

**ଡାବୁଗାଁ, ୨୧।୧୦ (ଡି.ଏନ.ଏ.)**



ବିଧାୟକ ଭୁଜବଳ ମାଝି ଉଦ୍‌ବୋଧନ ଦେଉଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ନୂଆଗୁଡା ଗ୍ରାମରେ ବ୍ଲକ କଳାର ସମାଜର ନୂଆଖାଇ ଭେଟଘାଟ ଓ କଳାର ଭବନର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ଭୁଜବଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଳାର ଭବନର ଶିଳାନ୍ୟାସ କରିଥିଲେ । ଏହି ଭବନ ପାଇଁ ଡାବୁଗାଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଅନ୍ୟତମ ଅତିଥି ଭାବେ ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲାପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ଏମପି ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଜି.ସାଇ ରାଜୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲା କଳାର ସମାଜ ସଭାପତି ପଦ୍ମନାଭ ପାଣ୍ଡେ, ଉପସଭାପତି ଅନିରୁଦ୍ଧ ନାୟକ, ସମ୍ପାଦକ ରମନାଥ ନାଗ, ଡାବୁଗାଁ ବ୍ଲକ ସଭାପତି ବିଶ୍ୱମ୍ଭର ପାଣ୍ଡେ, ଉପସଭାପତି ରାମସିଂ ନାଗ, ସମ୍ପାଦକ କମଳଲୋଚନ ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ଡାବୁଗାଁ ଯୁବ କଳାର ସମାଜର କୃଷ୍ଣ କଳାର, ତୁଳା କଳାର, ଦାସ ବିଶୋଇ, ଭକଚନ୍ଦ ପାଣ୍ଡେ, ଦୁର୍ଜନ ନାଗ, ଜଗଦୀଶ କଳାର, ଭଗବାନ କଳାର, ଯୁଗଳ କଳାର, ଦଶମୁ ପାଣ୍ଡେ, ବିଭିନ୍ନ ଗ୍ରାମରୁ ପ୍ରାୟ ଶତାଧିକ କଳାର ସମାଜର ମହିଳାଓପୁରୁଷମାନେଯୋଗଦେଇଥିଲେ।

## ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବୈଠକ

**ଚନ୍ଦାହାଣ୍ଡି,୨୧।୧୦(ଡି.ଏନ.ଏ)**



ବୈଠକରେ ଏମପି ବଳଭଦ୍ର ମାଝି ଓ ଅନ୍ୟମାନେ।

ଚନ୍ଦାହାଣ୍ଡି ବ୍ଲକ ପାନାବେଡା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀପାଳନନିମନ୍ତେଏକପ୍ରସ୍ତୁତିବୈଠକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ପାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଏମପି ବଳଭଦ୍ର ମାଝି, ଭୈରବ ପ୍ରଧାନ, ଅଶୋକ ସାହୁ, ଡକ୍ଟର ପ୍ରଦୀପ ମିଶ୍ର, ମନଧର ଧୁରୁଆ, ବଂଶିଧର ପାରୀ, ଡମ୍ବରୁଧର ଖମାରୀ, ସନ୍ତୋଷ ଜଗତ, ପ୍ରମୋଦ ପାଢୀ, ପ୍ରକାଶ ମାଝି,ଏମଡି ଇନୁସ ପମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ୧୯.୯.୧୯୬୮ମସିହାରେ ଆରମ୍ଭ ହୋଇ ବର୍ତ୍ତମାନ ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ମତ ପ୍ରକାଶ ପାଇଥିଲା। ଡିସେମ୍ବର ୨୩ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବିଦ୍ୟାଳୟ ପ୍ରତିଷ୍ଠାତା ଓ ଶିକ୍ଷକମାନଙ୍କୁ ସମ୍ମାନିତ କରାଯିବ। ବିଭିନ୍ନ ପ୍ରକାର କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କମିଟିରେ ସଭାପତି ଭାବେ

**ପାନାବେଡା ଉଚ୍ଚବିଦ୍ୟାଳୟ**

ଏମପି ବଳଭଦ୍ର ମାଝି, କାର୍ଯ୍ୟକାରୀ ସଭାପତି ପୁରୁଷୋତ୍ତମ ପାରୀ, ସମ୍ପାଦକ ତ୍ରିଜନ ନାୟକ, କୋଷାଧକ୍ଷ ଶରତ ମାଝି, ଉପସଭାପତି ମହମ୍ମଦ ଇନୁସ, କାର୍ଯ୍ୟକାରୀ କମିଟି ଭାବେ ଗୋବିନ୍ଦ ଜୈନ, ପ୍ରସନ୍ନ ମାଝି, ପ୍ରମୋଦ ପାଢୀ, ମଥୁରାମ ବର୍ଗଡ଼ି, ରମେଶ ଚୌହାନ, ଧୀରେନ୍ଦ୍ର ଜଗତ, ଦ୍ୟୁତୀବାହନ ଖମାରୀ, ଉମର ସିଂ ନାୟକ, ବିଶିକେଶନ ପାଢୀ, ବବି ବିଶୋଇ, ଦୁର୍ଯ୍ୟୋଧନ ପୁଜାରୀ, ନୀଳକଣ୍ଠ ଦାଶ, ସୁବାସ ସାହୁ, ପଦ୍ମଲୋଚନ ସାହୁ, ନୃସିହ ସାହୁ, ପ୍ରେମ ଚାନ୍ଦ ବିଶୋଇ, ପ୍ରଶାନ୍ତ ପାରୀ, ସନିନ୍ଦ୍ର ଶୋରୀ, ଗୁଷ୍ଟୁ ବାଘ, ତ୍ରିପତି ଦଳେଇ, ତ୍ରିନାଥ ଦାଶ, ବଂଶିଧର ଦାଶ, ଜଗଦିଶ ଗୌଡ, ଘନଶ୍ୟାମ କଟା, କିର୍ତ୍ତନ ଜଗତ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଧୁମ୍‌ଧାମ୍‌ରେ ରାବଣ ପୋଡ଼ି

**ଝରିଗାଁ, ୨୧।୧୦(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମା ଠାରେ ଦଶହରା ପୂଜା ଉତ୍ସବ ଅବସରରେ ହାଟପଦା ଠାରେ ରାବଣ ପୋଡି ଧୁମଧାମରେ ଅନୁଷ୍ଠିତ ହୋଇଛି। ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଆଦିବାସୀ ଅନୁସୂଚୀତ ଜାତି ଓ ଜନଜାତି, ପଛୁଆବର୍ଗ ତଥା ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ବ୍ଲକ ଅଧକ୍ଷା ରମୁଲା ଗଣ୍ଡ, ଉପାଧକ୍ଷା ମଞ୍ଜୁଳତା ପନକା, ନରସିଂହ ଦଳେଇ, ମୋହନ ପ୍ରଧାନୀ, ରାମେଶ୍ୱର ନାୟକ, ପ୍ରକାଶ ମାଝୀ, ସତ୍ୟ ନାୟକ, ଜି କ୍ରିଷ୍ଣା ରାଓ, ଭଗବାନ ଦଳପତିଙ୍କ ସହ ପୂଜା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ।



ସଭାରେ ଉପସ୍ଥିତ ଅତିଥିମାନେ ।

ଝରିଗାଁର ବିଭିନ୍ନ ଗ୍ରାମର ଭଲିବଲ ଖେଳାଳି ମାନଙ୍କୁ ନେଇ ଦଶହରା କପ ନାମକ ପ୍ରତିଯୋଗିତା ଅନିଷ୍ଠିତ ହୋଇଥିଲା। ଏଥିରେ ରାବଣାଗୁଡା ଗ୍ରାମର ଖେଳାଳି ବିଜେତା ହୋଇଥିବା ବେଳେ ବଇଂଶିବନ୍ଧା ଗ୍ରାମର ଖେଳାଳି ମାନେ ରନର୍ସ ହୋଇଥିଲେ। କମିଟି ତରଫରୁ ବିଜୟୀ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଦଳକୁ ୪ ହଜାର ଟଙ୍କା ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ରାବଣ ପୋଡି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଡିଏସପି ବେଣୁଧର ଭୋଇ, ତହସିଲଦାର କ୍ଷମାନିଧି ଭୋଇ, ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଏସ ଆଇ, ରାମ ଚନ୍ଦ୍ର ଅଗସ୍ତି, ଏଏସଆଇ ଶଙ୍କରର୍ଷଣ ସ୍ୱାଇଁ ପ୍ରମୁଖ ରହି ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ। ଏହାପରେ ପୂଜା କମିଟି ତରଫରୁ କଳାହାଣ୍ଡି ଜିଲାରୁ ଆସିଥିବା ଆଠ ଗୋଟି ଘୁମୁରା ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।





ଧନ ଥିବା ଲୋକର ସାଙ୍ଗ ସମସ୍ତେ ହୁଅନ୍ତି, ବନ୍ଧୁତା ରକ୍ଷା କରନ୍ତି। ଧନବାନ୍ ଲୋକ ସଂସାରରେ ପୁରୁଷ ଭାବରେ ପରିଗଣିତ ହୁଏ ଓ ବଞ୍ଚିବାର ଆନନ୍ଦ ଅନୁଭବ କରେ। ଏଣୁ ଧନ ହିଁ ଜଗତରେ ସବୁକିଛି। -ଚାଣକ୍ୟ



## ସଂକ୍ଷେପରେ

### ରେଳଧାରଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଲକ୍ଷ୍ମୀପୁର, ୨୧।୧୦: ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡା ପଞ୍ଚାୟତର ସାନ ନେର୍କା ଛକ ନିକଟସ୍ଥ ରେଳଧାରଣାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ସାନ ନେର୍କା ଗ୍ରାମର ଉରକା ଦାମିଙ୍କ ସ୍ତ୍ରୀ ଚିଙ୍ଗି(୨୮)। କାକିରିଗୁମ୍ମା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏଥିସହ ୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କଂଗ୍ରେସର ପ୍ରସ୍ତୁତି ବୈଠକ



ଲକ୍ଷ୍ମୀପୁର, ୨୧।୧୦ (ଡି.ଏନ୍.ଏ.): ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଲକ୍ଷ୍ମୀପୁର ବିଧାୟକ କୈଳାସ କୁଲେସିକାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ନକୁଳ ନାୟକ ଯୋଗଦେଇ ଦଳୀୟ ସାଙ୍ଗଠନିକ ସ୍ଥିତି ଉପରେ ଆଲୋଚନା କରିଥିଲେ। ଏଥିରେ ଜିଲା ଉପସଭାପତି କୈଳାସ ଖୋସ୍ଲା, ଏସି ସେଲ ସଭାପତି ସମୀର ବାଘ ଏବଂ ଯୁବ କଂଗ୍ରେସ ସମ୍ପାଦକ ଅଜିତ୍ ବାଘଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ
#### ଝିଅ ଘରକୁ ଆସିଥିଲେ ଦଶହରା ଯୋଗାଡ଼ ଧରି

ଭଞ୍ଜନଗର,୨୧।୧୦(ଡି.ଏନ.ଏ)- ଗାଲେରୀ ନିଧିଆପଲ୍ଲୀ ରାସ୍ତାର ବ୍ରାହ୍ମଣପଦର ନିକଟରେ ରବିବାର ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଚାଳକ ଓ ଜଣେ ପଥଚାରୀ ଗୁରୁତର ଭାବେ ଆହତ ହୋଇଥିଲେ। ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ ଗାଲେରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଭଞ୍ଜନଗର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଭଞ୍ଜନଗର ମେଡ଼ିକାଲରେ ପଥଚାରୀ କୈଳାସ ନାଇକଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଛନ୍ତି। ଏଥିସହ ବାଇକ୍ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇବା ପାଇଁ ଡ଼ାକ୍ତର ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଯେ ଭଞ୍ଜନଗର ଥାନା ସାନକୋଦଣ୍ଡା ପଞ୍ଚାୟତ ଚଡ଼େୟାପଲ୍ଲୀର କୈଳାସ ତାଙ୍କ ଝିଅ ଘର ଗାଲେରୀ ଫାଣ୍ଡି ଅନ୍ତର୍ଗତ ଝାଲିଆଗୋଛାକୁ ଦୁଇଦିନ ପୂର୍ବେ ଦଶହରା ଯୋଗାଡ଼ଧରି ଯାଇଥିଲେ। ରବିବାର ରାତି ପ୍ରାୟ ସାଢ଼େ ୭ଟା ସମୟରେ ସେ ନଦୀରୁ ଗାଧୋଇ ଝିଅ ଘରକୁ ଚାଲିଚାଲି ଆସୁଥିଲେ। ଏହି ସମୟରେ ଗାଲେରୀ ଆଡ଼ୁ ବ୍ରାହ୍ମଣପଦର ଅଭିମୁଖେ ଆସୁଥିବା ଜଣେ ବାଇକ୍ ଚାଳକ କୈଳାସଙ୍କୁ ଧକ୍କା ଲଗାଇଥିଲେ।

### ନଦୀରେ ଭାସି ଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

ବାଲିଗୁଡା,୨୧।୧୦(ଡି.ଏନ୍.ଏ.): କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ଅଧୀନସ୍ଥ ବାଲିଗୁଡା-ସିନ୍ଦ୍ରିଗାଁ ରାସ୍ତା ନିକଟସ୍ଥ ଖଡଗନଦୀରେ ଗତ ୧୭ ତାରିଖରେ ଚମ୍ପାସାହିର ଭଞ୍ଜ କିଶୋର ପଣ୍ଡାଙ୍କ ପୁଅ ଗୁଡୁ ଭାସି ଯାଇଥିଲେ। ପରିବାର ଲୋକେ ଓ ଦମକଳ ବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ଖବର ପାଇ ବୁଡୁକିଆ ନିକଟସ୍ଥ ଖଡଗନଦୀ ପଠାରୁ ଦମକଳବାହିନୀ ମୃତଦେହ ଉଦ୍ଧାର କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଦୁର୍ଘଟଣାରେ ୨ ଆହତ

ବୁଗୁଡା,୨୧।୧୦(ଡି.ଏନ୍.ଏ.): ବୁଗୁଡା ଥାନା ବାଙ୍କେଶ୍ୱରୀ ମନ୍ଦିର ନିକଟରେ ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ବାଇକ ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବୁଗୁଡାର ବସନ୍ତ ନାୟକ ଓ ମିଟୁ ଜେନା। ଏମାନେ ବାଇକରେ ବାଲିପଦରରୁ ବୁଗୁଡା ଆସୁଥିବାବେଳେ ବାଙ୍କେଶ୍ୱରୀ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଆହତମାନଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଛି।

# ବିଲ୍ଟ ପେପର ମିଲ୍ ଫାଟକ ଖୋଲିବା ଆଶା ଉଜ୍ଜ୍ୱଳ

ଜୟପୁର, ୨୧।୧୦ (ନି.ପ୍ର./ଡି.ଏନ୍.ଏ.)

ଜୟପୁର ବିଲ୍ଟ ପେପର ମିଲ ଦୀର୍ଘ ୪ ମାସ ହେବ ବନ୍ଦ ହୋଇ ପଡିଛି। ମିଲ୍‌ର ୩ଟି ସଂଘ କମ୍ପାନୀର ସମସ୍ତ ନିୟମକୁ ମାନିବାକୁ ପ୍ରସ୍ତୁତ ଥିବା ବେଳେ ବିଏମ୍ଏସ୍ ନ ମାନିବାରୁ ମିଲ୍ ଖୋଲିବା ଆଶଙ୍କା ଦେଖାଯାଇଥିଲା। କିନ୍ତୁ ମିଲ୍‌କୁ ଅନ୍ୟ ୩ଟି ସଂଘ ସମର୍ଥନ ଦେଉଛି। ମିଲ୍ ଓ କର୍ମଚାରିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଏମ୍ଏସ୍ ମଧ ମିଲ୍ କର୍ତ୍ତୃପକ୍ଷକୁ ସମର୍ଥନ ପତ୍ର ଦେଇଛି ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି।

ସେହିପରି ଆସନ୍ତା ୨୫ରେ ସ୍ଥାନୀୟ କାଗଜକଳ ସିଜିଏମ୍ ମାଣିକେଶ୍ୱର ରାଓ ଜୟପୁର ପହଞ୍ଚିବା ପରେ ଏହାର ପୁନଃ କାର୍ଯ୍ୟକ୍ଷମ ନେଇ ଘୋଷଣା କରିବାର ସମ୍ଭାବନା ରହିଛି। ନଭେମ୍ବର ୧ ସୁଦ୍ଧା କାଗଜକଳର ମୁଖ୍ୟ ଫାଟକ ତାଲା ଖୋଲିବା ନେଇ ସମସ୍ତ ସଂଘ ଆଶାବାଦୀ ରହିଥିବା ନେଇ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ,ବିଏମ୍ଏସ୍ ସମର୍ଥିତ ସଂଘ ସହାୟତା କ୍ରମେ କର୍ମଚାରୀମାନେ ବିଭିନ୍ନ ଦାବିରେ ଗତ ମେ ମାସଠାରୁ ୫୫ ଦିନିଆ ଧାରଣା ଏବଂ ୧୦ ଦିନ



ଖବରଦାତା ସମ୍ମିଳନୀରେ ଶ୍ରମିକ ସଂଘ କର୍ମକର୍ତ୍ତାମାନେ।

**ଖବରଦାତା ସମ୍ମିଳନୀ**
- ୩ଟି ସଂଘକୁ ସମର୍ଥନ କଲା ବିଏମ୍ଏସ୍
- କମ୍ପାନୀର ନିଷ୍ପତ୍ତିକୁ ଅପେକ୍ଷା

୫ଜଣ କର୍ମଚାରୀ ଆମରଣ ଅନଶନ ଦେଇଥିଲେ। ଧାରଣାକୁ ସମର୍ଥନ କରୁଥିବା କର୍ମଚାରୀମାନେ ଅନ୍ୟ କର୍ମଚାରୀଙ୍କୁ ଭିତରକୁ ପ୍ରବେଶ କରାଇ ନ ଥିଲେ। ସେହିପରି ଭିତରେ କାମ କରୁଥିବା କର୍ମଚାରୀଙ୍କୁ ବାହାର କରି ଦେଇଥିଲେ। ଏଥିନେଇ କାଗଜକଳ କର୍ତ୍ତୃପକ୍ଷ ମୁଖ୍ୟ ଫାଟକରେ ତାଲା ଦେବା ସହିତ କୌଣସି କର୍ମଚାରୀଙ୍କୁ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ। ପେପର ମିଲ୍ ଖୋଲିବା ନେଇ ଗତ ୫ତାରିଖରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ସଂଘ ମ୍ୟାନେଜମେଣ୍ଟକୁ ତାଗିଦ କରିଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ବାରମ୍ବାର ମିଲ ଖୋଲିବାକୁ ଚେଷ୍ଟା ଜାରି ରଖିଥିଲେ। ମିଲ ପ୍ରତି ଲୋକଙ୍କ ଆସ୍ଥା ରହିଛି, ଏହା ଲୋକଙ୍କ ଜୀବନ ଜୀବିକା ସହିତ ଜଡିତ। ତେଣୁ ସମସ୍ତେ ନିଜ ଜିଦରେ ଅଟଳ ନ ରହି ଶାନ୍ତି ଶୃଙ୍ଖଳାରେ ମିଲ୍ ଚାଲିବାକୁ ସହଯୋଗ କର ବୋଲି ଗତ ଦିନରେ ଜିଲାପାଳ ଚକ୍ରବର୍ତ୍ତୀ ଓ ବିଧାୟକ ବାହିନୀପତି କହିଥିଲେ। କିନ୍ତୁ ବିଏମ୍ଏସ୍ ସଂଘ ମିଲ୍ ନିୟମକୁ ବିରୋଧ କରିବାରୁ ହଜାର ହଜାର ଶ୍ରମିକ ନିରାଶ ହୋଇ ଯାଇଥିଲେ। କିନ୍ତୁ ଆଜିର ଏହି ଖବରଦାତା ସମ୍ମିଳନୀ ପରେ ଶ୍ରମିକଙ୍କ ମନରେ ମିଲ୍ ଖୋଲିବା ନେଇ ଆଶା ଉଜ୍ଜୀବିତ ହୋଇଛି। ଖବରଦାତା ସମ୍ମଳନୀରେ ୪ ସଂଘର ଏନ୍ ସୁରେଶ କୁମାର, ବିଦ୍ୟା ଜେନାମଣି, ଭି.ରବି କୁମାର, ଜୟନ୍ତ ସାନ୍ତ୍ରା, କେ.ଟି ପାତ୍ର, ବସନ୍ତ ବେହେରା ଓ ସରୋଜ ସୁଆର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରୋତ୍ସାହନ ଅଭାବରୁ ଲୋପ ପାଉଛି ଲାଠି ଲୋକକଳା

ଜୟପୁର, ୨୧।୧୦(ନି.ପ୍ର.)

ଲାଠି ଲୋକକଳା ବଞ୍ଚାଇ ରଖିବା ପାଇଁ ହିଲ୍ ଟ୍ରାଇବ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଆସୋସିଏଶନ ସଭାପତି ଦିଗାମ୍ବର ଗମାଙ୍ଗୋ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ନିଜ ଦାବି ସମ୍ପର୍କରେ ଅବଗତ କରିଛନ୍ତି। ଜୟପୁର ଦଶହରାରେ ପ୍ରଦର୍ଶନ କରାଯାଉଥିବା ତଥା ଅବିଭକ୍ତ କୋରାପୁଟ ଜିଲାରେ ଦେବୀପୀଠରେ ପୂଜା ପାଉଥିବା ମା'ଙ୍କ ପ୍ରତୀକ ଲାଠି ଲୋକକଳାକୁ ବଞ୍ଚାଇ ରଖିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଜୟପୁର ରାଜ ଶାସନ ଯିବା ପରଠାରୁ ଲାଠି ଲୋକକଳା କ୍ରମେ ଧୀରେ ଧୀରେ ଲୋପ ପାଇ ଆସୁଛି। ଆବଶ୍ୟକ ଆର୍ଥିକ ପ୍ରୋତ୍ସାହନ ଅଭାବରୁ ଏହା ଲୋପ ପାଇବାକୁ ବସିଲାଣି ବୋଲି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ଏଭଳି ଲୋକ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ସରକାରଙ୍କ ଦାୟିତ୍ୱ। ତେଣୁ ଅବିଭକ୍ତ କୋରାପୁଟର ମାଲକାନଗିରି, ରାୟଗଡା, ନବରଙ୍ଗପୁର ତଥା କୋରାପୁଟ ଜିଲା ସକାଶେ ୫ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର କରିବା ପାଇଁ ଗମାଙ୍ଗୋ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ଆଦିବାସୀ ମନ୍ତ୍ରୀ ରମେଶ ମାଝି, କୋରାପୁଟ ଜିଲାପାଳ ଓ ଜୟପୁର ଉପଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି।

# କେବିସିରେ ୨୫ ଲକ୍ଷ ଜିତିଥିବା ରବି କୁମାରଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

କୋରାପୁଟ,୨୧।୧୦(ସ୍ୱ.ପ୍ର.)

କୌନ ବନେଗା କରୋଡପତି(କେବିସି)ର ହଟ୍ ସିଟରେ ବସି ୨୫ ଲକ୍ଷ ଜିତିବା ଅପେକ୍ଷା ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ସହ ଭେଟ ହୋଇଥିବାରୁ ଜୀବନର ସ୍ୱପ୍ନ ସାକାର ହୋଇଛି ବୋଲି କୋରାପୁଟ ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଏନ୍. ରବିକୁମାର କହିଛନ୍ତି। ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏନ୍. ରବି କୁମାରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ହଟ୍ ସିଟରେ ଅମିତାଭଙ୍କ ସହ ବସି କଥାବାର୍ତ୍ତା ହେବାରୁ ତାଙ୍କ ଜୀବନ ଏକ ପ୍ରକାର ସାର୍ଥକ ହେଲା ବୋଲି ସେ କହିଥିଲେ। ସେ ଏକ ଆଦିବାସୀ ବହୁଳ ଜିଲାରୁ ଆସିଛନ୍ତି ବୋଲି କହିବାରୁ ଅମିତାଭ ଆଦିବାସୀଙ୍କ ଚାଲିଚଳଣି, ଜୀବନଚର୍ଯ୍ୟା ଓ ସଂସ୍କୃତି ଉପରେ ବହୁ ମାତ୍ରାରେ ଆଗ୍ରହ ଦେଖାଇଥିବା ରବି କୁମାର କହିଛନ୍ତି। ପାଠ୍ୟ ପୁସ୍ତକର ତଥ୍ୟ ସହିତ ବାହ୍ୟ ଜଗତରୁ ସବୁକିଛିରୁ ଜାଣିବାର ଅଭିପ୍ସା ଅଶେଷ ଲାଭପ୍ରଦ ହୋଇଥାଏ ବୋଲି ସେ କହିଥିଲେ। ତାଙ୍କର ଏହି ବିଶ୍ୱାସକୁ ଅମିତାଭ ସମର୍ଥନ ଜଣାଇଥିଲେ। ଦୀର୍ଘ ୧୮ ବର୍ଷର ନିରନ୍ତର ସାଧନା, ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ଯୋଗୁ ଏ ସଫଳତା ମିଳିଥିବା ସେ କହିଛନ୍ତି। ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଖବରଦାତା ସିଏଚ ଶାନ୍ତାକାର, ଡି ଶଙ୍କର ରାଓ, ବିଦ୍ୟା ଚୌଧୁରୀ, ପରିକ୍ଷିତ ବିଶ୍ୱାଳ, ଅମିତାଭ ବେହେରା, ରଞ୍ଜ କୁମାର ଦାସ, ଟୁଟୁ ପଣ୍ଡା, ଶୈଳେଶ କାଦିଆର, ପ୍ରଶାନ୍ତ ସାମନ୍ତରାୟ, ଅରୁଣ ଦାସ, ବଳିଆ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅମୃତସରରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୬୧ ଜଣଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ମା'ଙ୍କୁ ଶ୍ରଦ୍ଧାପୂର୍ଣ୍ଣ ବିଦାୟ

କୋରାପୁଟ/ଲକ୍ଷ୍ମୀପୁର, ୨୧।୧୦(ସ୍ୱ.ପ୍ର.)

କୋରାପୁଟରେ ରବିବାର ମା' ଦୁର୍ଗାଙ୍କୁ ମେଲାଣି ଦିଆଯାଇଛି। ରବିବାର ଅପରାହ୍ନରେ ଏହି ଭସାଣି ଯାତ୍ରା କରାଯାଇଥିଲା। ପାରମ୍ପରିକ ବାଜା ଓ ନାଚରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯିବା ପରେ ସୁନାବେଡା ନିକଟସ୍ଥ କୋଲାବ ଜଳଭଣ୍ଡାରରେ ବିସର୍ଜନ କରାଯାଇଥିଲା। ଚଳିତ ବର୍ଷ କୋରାପୁଟ ସହରରେ ୭ଟି ଦୁର୍ଗାମେଢ ହୋଇଥିବାବେଳେ ଦଶହରା ରାତ୍ରରେ ଡିଏନ୍‌କେସ୍ଥିତ ରବୀନ୍ଦ୍ର ମଣ୍ଡପ ଦୁର୍ଗା ମୂର୍ତ୍ତିଙ୍କୁ ବିସର୍ଜନ କରାଯାଇଥିଲା। ପରେ ରବିବାର ଅପରାହ୍ନରେ ସହରର ପୋଲିସ ପୂଜା କମିଟି, ବସଷ୍ଟାଣ୍ଡ ପୂଜା କମିଟି, ହାଟପଦା ପୂଜା କମିଟି, ଆଇଆରବି ପୂଜା କମିଟି, ଜିଲା ମଣ୍ଡଳ କାରାଗାର ଦୁର୍ଗାପୂଜା କମିଟି, ଓଏମ୍‌ପିସ୍ଥିତ ପୂଜା କମିଟି ପକ୍ଷରୁ ମା'ଙ୍କୁ ମେଲାଣି ଦିଆଯାଇଛି।



କୋରାପୁଟରେ ମା' ଦୁର୍ଗାଙ୍କୁ ଭସାଣି ପାଇଁ ନିଆଯାଉଛି।

ସେହିଭଳି ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ପଞ୍ଚପଟିମାଳି ଡ୍ରାଇଭର ସଂଘ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ମା'ଙ୍କ ସମସ୍ତ ପୂଜା ଶେଷ ହେବାପରେ ମେଲାଣି ଦିଆଯାଇଛି। ଏକ ଶୋଭାଯାତ୍ରାରେ ମା'ଙ୍କୁ ସହର ପରିକ୍ରମା କରାଯିବା ପରେ ତାଙ୍କୁ ବିସର୍ଜନ କରାଯାଇଛି। ଅଞ୍ଚଳର ଗୋଟିଏ ମାତ୍ର ଦୁର୍ଗା ପୂଜା ହୋଇଥିବାରୁ ଏଥିପାଇଁ ଭିଡ ଲାଗିଥିଲା।

# ଡାଇବେଟିସ୍ ଗୁଡବାଏ କର୍ମଶାଳା

ଦାମନଯୋଡି,୨୧।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ନାଲ୍‌କୋ ଶିଳ୍ପନଗର ସେକ୍ଟର-୧ସ୍ଥିତ ମୁକ୍ତ ରଙ୍ଗମଞ୍ଚଠାରେ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡାଇବେଟିସ୍ ଗୁଡବାଏ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ନାଲ୍‌କୋ ଇ.ଡି. ଇଂ ଦିଲୀପ କୁମାର ମହାନ୍ତି ମୁଖ୍ୟ ଅତିଥି, ମହାପ୍ରବନ୍ଧକ (ଏଚ୍ଆଣ୍ଡଏ) ରାଜୀବ କୁମାର ମିଶ୍ର ସମ୍ମାନିତ ଅତିଥି, ନବରଙ୍ଗପୁର ଜୋନର ମୁଖ୍ୟ ବ୍ରହ୍ମା କୁମାରୀ ନିଲମ ଭଉଣୀ, ରାଜସ୍ଥାନ ମାଉଣ୍ଟ ଆବୁର ଡାକ୍ତର ବ୍ରହ୍ମା କୁମାର ଶ୍ରୀମନ୍ତ ସାହୁ ଉପସ୍ଥିତ ଥିଲେ। ଶିବିରରେ ରାୟଗଡା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଏବଂ ଭବାନୀପାଟଣାର ବହୁ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ଶ୍ରୀମନ୍ତ ସାହୁ ମଧୁମେହ ରୋଗରୁ କିଭଳି ମୁକ୍ତ ରହିପାରିବା ସମ୍ପର୍କରେ ବୁଝାଇଥିଲେ। ପ୍ରତ୍ୟେକ ବ୍ୟକ୍ତି ରାଜଯୋଗ କରିବା ସହ ସକାରାତ୍ମକ ଭାବନା ନେଇ ବଞ୍ଚିବା ଉଚିତ। ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେଲେ ମଧୁମେହ ଦୂର ହୋଇପାରିବ ବୋଲି ସେ କହିଥିଲେ। ଦାମନଯୋଡିର ଭାଇ ଭଉଣୀମାନେ ଏଥିରେ ସହଯୋଗ କରିଥିଲେ ।

# ଦାମନଯୋଡ଼ିରେ ରାବଣ ପୋଡ଼ି



ଦାମନଯୋଡ଼ିରେ ପ୍ରସ୍ତୁତ ହୋଇଥିବା ରାବଣ।

ଦାମନଯୋଡ଼ି,୨୧।୧୦ (ଡି.ଏନ୍.ଏ.)

କୋରାପୁଟ ଜିଲା ନାଲ୍‌କୋ ଶିଳ୍ପାଞ୍ଚଳରେ ସେକ୍ଟର-୨ ଡ. ଆମ୍ବେଦକର ଷ୍ଟାଡିୟମ୍‌ରେ ରାବଣପୋଡି ଉତ୍ସବ ପାଳିତ ହୋଇଯାଇଛି। ନାଲ୍‌କୋ କମ୍ୟୁନିଟି ସେଣ୍ଟର ଏବଂ ୱେଲ୍‌ଫେୟାର କମିଟି ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ କାରିଗର ଆସି ରାବଣ ମୂର୍ତ୍ତି କରିବା ସହ ବାଣ ସଂଯୋଗ କରିଥିଲେ। ୧୬ ଫୁଟ ଉଚ୍ଚତା ବିଶିଷ୍ଟ ରାବଣପୋଡି ଦେଖିବା ପାଇଁ ସୁନାବେଡ଼ା, ସେମିଳିଗୁଡା, ଭେଜାପୁଟ, ମାଥାଲପୁଟ ଏବଂ ଶିଳ୍ପାଞ୍ଚଳର ପ୍ରାୟ ୧୫ ହଜାର ଜନସାଧାରଣ ଉପସ୍ଥିତ ଥିଲେ। ମା' ଦୁର୍ଗାଙ୍କ ବିସର୍ଜନ ମେଢ଼ ସେକ୍ଟର-୨ ଷ୍ଟାଡିୟମ୍ ପାଖରେ ପହଞ୍ଚିବା ପରେ ରାବଣପୋଡି ଆରମ୍ଭ ହୋଇଥିଲା। ନାଲ୍‌କୋ ଇ.ଡି. ଦିଲୀପ କୁମାର ମହାନ୍ତି ଅଗ୍ନି ସଂଯୋଗ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶ୍ରୀଧର ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନାଲ୍‌କୋର ବହୁ ପଦାଧିକାରୀ ଏଥିରେ ଭାଗ ନେଇଥିଲେ।

# ବରିପୁଟ ପଥର ଖାଦାନ ଶ୍ରମିକ ମୃତ୍ୟୁ ଘଟଣା
## ଜୟପୁର ତହସିଲଦାରଙ୍କ ବଦଳି

ଜୟପୁର, ୨୧।୧୦(ନି.ପ୍ର.):

ବରିପୁଟ ପଥର ଖାଦାନକୁ ଲିଜ୍ ଦେଇ ବିବାଦୀୟ ହୋଇପଡିଥିବା ଜୟପୁର ତହସିଲଦାର ରଞ୍ଜିତା ମଲ୍ଲିକଙ୍କ ଶେଷରେ ବଦଳି ହୋଇଛି। ସେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକକୁ ବିଡିଓ ଭାବେ ବଦଳି ହୋଇଛନ୍ତି। ସେଠାକାର ବିଡିଓ ମାତାରାମ ଲିଆଙ୍ଗିଙ୍କୁ ଜୟପୁର ତହସିଲଦାର ଭାବେ ନିଯୁକ୍ତ କରାଯାଇଛି। ପ୍ରକାଶ ଯେ, ଜୟପୁର ତହସିଲର ତେଲଙ୍ଗିରି ପ୍ରକଳ୍ପ ନିକଟସ୍ଥ ବରିପୁଟ ପଥର ଖାଦାନକୁ ଜିଲାପାଳ ଓ ଉପଜିଲାପାଳ ଅନୁମତି ବାତିଲ କରିଥିବା ସ୍ୱତ୍ତ୍ୱେ ତହସିଲଦାର ରଞ୍ଜିତା ମଲ୍ଲିକ ଏହାକୁ ଲିଜ ଦେଇଥିଲେ। ଫଳରେ ଉକ୍ତ ପଥର ଖାଦାନରେ ଦୁର୍ଘଟଣା ଘଟି ୨ ଜଣ ଅପରେଟର ପଥର ତଳେ ଚାପି ହୋଇଯାଇଥିଲେ। ସେନାର ସାହାର୍ଯ୍ୟରେ ଘଟଣାର ୧୫ ଦିନ ପରେ ମୃତ ଅବସ୍ଥାରେ ସେମାନଙ୍କୁ ସେଠାରୁ ବାହାର କରାଯାଇଥିଲା। ଜିଲାପାଳ ଏହାର ତଦନ୍ତ ଭାର ଏଡିଏମ୍ ସୁଜାତା ମିଶ୍ରଙ୍କ ଦେଇଥିଲେ।

# ବଧୂହତ୍ୟା ମାମଲା, ଶ୍ୱଶୁର ଗିରଫ

ଛତ୍ରପୁର,୨୧।୧୦(ଡି.ଏନ.ଏ)

ଛତ୍ରପୁର ଥାନା ବଡମାଧପୁରରେ ଦମୟନ୍ତୀ ରେଡ୍ଡୀଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ପୋଡି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ରବିବାର ଶ୍ୱଶୁର ପି. ସମ୍ବାରିଆ ରେଡ୍ଡୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ପୂର୍ବରୁ ଏହି ମାମଲାରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଥିଲା ।

■ ୫୯ତମ ପୋଲିସ ଶହୀଦ ଦିବସ

# ୧୮ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ପୋଲିସ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

କୋରାପୁଟ,୨୧।୧୦(ସ୍ୱ.ପ୍ର.)

କୋରାପୁଟ ଜିଲା ପୋଲିସ ପକ୍ଷରୁ ରବିବାର ସ୍ଥାନୀୟ ପୋଲିସ ପଡିଆଠାରେ ୫୯ତମ ପୋଲିସ ଶହୀଦ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋରାପୁଟ ଜିଲାର ୧୮ ଜଣ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ କୋରାପୁଟ ଆରକ୍ଷୀ ଅଧୀକ୍ଷକ କନୱର ବିଶାଳ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋଲିସ ପତାକାକୁ ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ । ଦେଶର ସୁରକ୍ଷା ନିମନ୍ତେ ଆତ୍ମବଳି ଦେଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସେମାନଙ୍କ ନାମ ପଠନ କରିଥିଲେ । ଶହୀଦଙ୍କ ମଧ୍ୟରେ କୋରାପୁଟ ଜିଲାର ୧୮ ଜଣ ଯବାନ ରହିଥିବା ପ୍ରକାଶ କରିଥିଲେ । ପରେ ସ୍ଥାନୀୟ ପଡିଆଠାରେ କରାଯାଇଥିବା ଶହୀଦ ସ୍ତମ୍ଭଠାରେ ଶହୀଦ ହୋଇଥିବା ଜିଲାର ୧୮ ଜଣ ଯବାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ୪ ଶହୀଦ ପରିବାରର ସଦସ୍ୟଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭି.ଆର୍ ରାଓ, ଉଦ୍ଧବ ନାୟକ, କୋରାପୁଟ ଏସ୍‌ଡିପିଓ କେ. ଜେ.ରେଡ୍ଡୀ, ଟାଉନ ଥାନାଧିକାରୀ କ୍ଷୀରେଶ୍ୱର ସାହୁଙ୍କ ସମେତ ପୋଲିସର ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଶହୀଦମାନଙ୍କୁ ସଲାମ ଦେବା ସହ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ମା'ଙ୍କୁ ମେଲାଣି ଦେଲେ ଶ୍ରଦ୍ଧାଳୁ

**ଗୁଣପୁର,୨୧।୧୦(ଡି.ଏନ.ଏ):** ମା' ଦୁର୍ଗାଙ୍କ ଦଶହରା ପର୍ବ ରାୟଗଡା ଜିଲା ଗୁଣପୁରଠାରେ ଧୂମଧାମର ସହ ପାଳିତ ହୋଇଯାଇଛି । ମା'ଙ୍କ ପୂଜା ଲାଗି ଗୁଣପୁର ସହର ଉତ୍ସବମୁଖର ହୋଇଉଠିଥିଲା । ରବିବାର ଡେରାସାହି, ଗାନ୍ଧୀନଗର ଏବଂ ସାଉଥ୍‌କୋ ପୂଜା ମଣ୍ଡପରେ ଚାଲୁ ରହିଥିବା ମା ଦୁର୍ଗାଙ୍କ ଭସାଣି ଉତ୍ସବ ଧୂମଧାମର ସହ ସଂପନ୍ନ ହୋଇଛି । ଶ୍ରଦ୍ଧାଳୁ ତଥା ପୂଜା କମିଟିର ସଦସ୍ୟମାନେ ନାଚ ଗୀତ କରି ମା'ଙ୍କୁ ମେଲାଣି ଦେଇଥିଲେ ।

### ମା' ଦୁର୍ଗାଙ୍କ ଭସାଣି



**ଟିକିରି,୨୧।୧୦(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିରେ ରବିବାର ଜଗତଜନନୀ ଦେବୀ ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ୟାଣ୍ଡପାର୍ଟି ସହ ଢ଼େମସା ନୃତ୍ୟରେ ପୂରା ଟିକିରି ଚଳଚଞ୍ଚଳ ହୋଇଉଠିଥିଲା । ଏହି ଉତ୍ସବକୁ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା । ଭସାଣିକୁ ଶାନ୍ତିପୂର୍ଣ୍ଣ ଭାବେ ଶେଷ କରିବା ପାଇଁ ଟିକିରି ଥାନା ଅଧିକାରୀ ଆଇଆଇସି ସୁଜ୍ଞାନୀ ସାହୁ, ଟିକିରିର ସମସ୍ତ ପୂଜା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ ।

### ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ



**ପଦ୍ମପୁର,୨୧।୧୦(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଡ଼ିବିରିସିଂ ଗ୍ରାମରେ ପରିବେଶ ସୁରକ୍ଷା ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଯୁବ ବାହିନୀ ଓ ନାରୀ ସଂଘ ସହଯୋଗ କରିଥିଲେ । ଗ୍ରାମବାସୀ ନିଜ ଗାଁକୁ ନିଜେ ସଫେଇ କରିଥିଲେ। ଗାଁ ରାସ୍ତାଘାଟ ସଫା ରଖିବା, ବାହ୍ୟ ମଳତ୍ୟାଗକୁ ବର୍ଜନ କରିବା ଓ ଗାଁର ଚତୁଃପାର୍ଶ୍ୱରେ ବୃକ୍ଷରୋପଣ କରାଯିବା ନେଇ ଆଲୋଚନା ହୋଇଥିଲା । ଏଥିସହ ଲୋକଙ୍କୁ ମଧ୍ୟ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଗନ ଶବର, ଗୌତମ ପାଲକା, ସାବିତ୍ରୀ ଶବରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### ତୁଳସୀ ମଣ୍ଡପ ସ୍ଥାପନ



**ଗୁଣପୁର,୨୧।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହର କଲେଜ ନିକଟ ହାଉସିଂବୋର୍ଡ କଲୋନୀଠାରେ ରବିବାର ତୁଳସୀମଣ୍ଡପ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କର୍ତ୍ତାଭାବେ ବୃନ୍ଦାବନ ପାଢୀ ଏବଂ ପୂଜକ ଭାବେ ଶିବରାମ ରଥ ଉପସ୍ଥିତ ରହି ପ୍ରତିଷ୍ଠା କାର୍ଯ୍ୟ ସଂପାଦନା କରିଥିଲେ । ସାହିର ମହିଳା ଏବଂ ପୁରୁଷମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଜୁଆ ଆଡାରୁ ୭ ଗିରଫ

**ବ୍ରହ୍ମପୁର ଅଫିସ୍,୨୧।୧୦:** ବ୍ରହ୍ମପୁର ସଦର ଥାନା ପୋଲିସ ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପୃଥକ ୨ଟି ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରଛି। ଅଭିଯୁକ୍ତମାନଙ୍କ ନିକଟରୁ ତାସ ମୁଠା ଏବଂ ଟଙ୍କା ଜବତ ହୋଇଛି। ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ପୋଲିସ ଆଙ୍କୁଶପୁର ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୧୩,୨୦୦ ଟଙ୍କା ଜବତ କରାଯାଇଥିଲା। ସେହିପରି ବେନ୍ଧାଳିଆ ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇ ୩ ଜଣଙ୍କୁ ଗିରଫ କରାଯିବା ସହ ୫,୪୦୦ ଟଙ୍କା ଜବତ ହୋଇଛି। ଏ ନେଇ ସଦର ଥାନାରେ ପୃଥକ ୨ଟି ମାମଲା (ନଂ.୨୪୫ ଓ ୨୪୪/୧୮) ରୁଜୁ ହୋଇଛି। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶିବଶଙ୍କର ମହାପାତ୍ର କହିଛନ୍ତି ।

# ଉଜୁଡ଼ା ଘର ସଜାଡ଼ିବାରେ ବ୍ୟସ୍ତ ନାଉଡ଼ାବାସୀ



ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପଡିଥିବା ଗଛ ।



ଲୋକଙ୍କ ଟିଣ ଛପର ଭାଙ୍ଗି ଯାଇଛି ।

**ଗୁଣପୁର,୨୧।୧୦(ଡି.ଏନ.ଏ)**

**ତିତ୍‌ଲିର ୧୦ ଦିନ ପରେ**
- ସୁଧୁରୁନି ଗ୍ରାମବାସୀଙ୍କ ସମସ୍ୟା
- ପାନୀୟ ଜଳ ଯୋଗାଣ ବନ୍ଦ
- ସ୍ୱାଭାବିକ ହୋଇନି ବିଦ୍ୟୁତ୍ ସେବା

ସାମୁଦ୍ରିକ ଝଡ଼ ତିତ୍‌ଲି ଆଣି ଦେଇଥିଲା ଲୋକଙ୍କୁ ଅନେକ ଦୁଃଖ ଏବଂ ଦୁର୍ଦ୍ଦଶା । ବର୍ତ୍ତମାନ ସୁଦ୍ଧା ଅନେକ ଗ୍ରାମକୁ ପାନୀୟ ଏବଂ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ । ଯୁଦ୍ଧକାଳୀନ ଭିତ୍ତିରେ ଅନେକ ଗ୍ରାମରେ କାର୍ଯ୍ୟ ଚାଲୁ ରହିଥିଲେ ମଧ୍ୟ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏବେ କିଏ ନିଜ ଉଜଡା ଘର ତ ଆଉ କିଏ ନିଜ ଭଙ୍ଗା ଘର ସଜାଡିବାରେ ବ୍ୟସ୍ତ । ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ସମସ୍ୟା ସୁଧୁରୁନି । ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି ଗୁଣପୁର ବ୍ଲକର ନାଉଡା ଗ୍ରାମରେ ।

ଗତ ୧୧ ତାରିଖରେ ସାମୁଦ୍ରିକ ଝଡ ତିତ୍‌ଲି ପ୍ରଭାବରେ ରାୟଗଡା ଜିଲା ଗୁଣପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଏଥିସହ ଜନ ଜୀବନ ଖୁବ ପ୍ରଭାବିତ ହୋଇଛି। ବାତ୍ୟା ଦାଉରୁ ନାଉଡ଼ା ଗ୍ରାମ ମଧ୍ୟ ବାଦ୍ ପଡ଼ି ନ ଥିଲା । ଏହି ଗ୍ରାମ ଗଜପତି ଜିଲା ସୀମାନ୍ତରେ ଅବସ୍ଥିତ । ଏଠାରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ତିତ୍‌ଲି ପ୍ରଭାବରେ ୧୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି । ବର୍ତ୍ତମାନ ସୁଦ୍ଧା ଗଛ ଉପୁଡି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପଡି ରହିଛି । ଏହାକୁ ହଟାଇବା ପାଇଁ କେହି ଦୃଷ୍ଟି ଦେଉନାହାନ୍ତି । ଅନେକ ଘରର ଛପର ଉଡି ଯାଇଛି । ବହୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିଛି । ଟ୍ରାନ୍ସଫରମରଗୁଡିକ ପଡିଯାଇଛି । ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରି ନ ଥିବାରୁ ପାନୀୟ ଜଳ ସମସ୍ୟା ଉପୁଜିଛି । ବାତ୍ୟାର ୧୦ ଦିନ ପରେ ମଧ ଏଠାରେ ଅନେକ ସମସ୍ୟା ଲାଗି ରହିଛି । ଉକ୍ତ ଅଞ୍ଚଳରେ ପ୍ରଶାସନ ପହଞ୍ଚିଛି । ଏଷ୍ଟିମେଟ କମିଟିଠାରୁ ଆରମ୍ଭ କରି ରାଜ୍ୟସଭା ସଦସ୍ୟ ସମସ୍ତେ ପହଁଞ୍ଚିଛନ୍ତି । ହେଲେ ସେମାନଙ୍କୁ ମିଳିଛି କେବଳ ପଲିଥିନ । ଏହାବ୍ୟତୀତ ଆଉ କିଛି ସହାୟତା ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ନିର୍ବାହୀଯନ୍ତ୍ରୀ ପ୍ରଫୁଲ୍ଲ ଗୌଡ଼ଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ବିଦ୍ୟୁତ୍ ସେବା ଯୋଗାଣ ନେଇ କାର୍ଯ୍ୟ ଚାଲୁଥିବା କହିଛନ୍ତି।

# ବଂଶଧାରା ନଦୀରେ ବୁଡ଼ି କଲେଜ ଛାତ୍ରଙ୍କ ମୃତ୍ୟୁ

**ଗୁଣପୁର,୨୧।୧୦(ଡି.ଏନ.ଏ)**



ଚନ୍ଦନ ପଟ୍ଟନାୟକ

ରାୟଗଡା ଜିଲା ଗୁଣପୁର ବଂଶଧାରା ନଦୀରେ ବୁଡ଼ି ଜଣେ କଲେଜ ଛାତ୍ରଙ୍କ ରବିବାର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତ ଛାତ୍ର ଜଣକ ହେଲେ କରଣସାହିର ପ୍ରମୋଦ ପଟ୍ଟନାୟକଙ୍କ ପୁଅ ଚନ୍ଦନ ପଟ୍ଟନାୟକ(୨୨) । ଚନ୍ଦନ ଓ ତାଙ୍କ ପିଉସୀ ପୁଅ ରିଙ୍କୁ ମିଶି ସ୍ଥାନୀୟ ବଂଶଧାରା ନଦୀକୁ ଗାଧୋଇବାକୁ ଯାଇଥିଲେ । ବ୍ରିଜ ନିକଟରେ ଉଭୟେ ଗାଧୋଉଥିବାବେଳେ ଅସାବଧାନତା ଯୋଗୁ ନଦୀରେ ବୁଡି ଯାଇଥିଲେ । ସେଠାରେ ଗାଧଉଥିବା ଜୈନକ ବ୍ୟକ୍ତି ରିଙ୍କୁଙ୍କୁ ଉଦ୍ଧାର କରିବାରେ ସକ୍ଷକ ହୋଇଥିଲେ । ହେଲେ ଚନ୍ଦନଙ୍କୁ ଉଦ୍ଧାର କରି ପାରି ନ ଥିଲେ । ଖବରପାଇ ଦମକଳବାହିନୀ ଚନ୍ଦନଙ୍କୁ ଉଦ୍ଧାର କରିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଚନ୍ଦନ ବିଟେକ ଫାଇନାଲର ଶେଷବର୍ଷର ଛାତ୍ର । ଗତ ବର୍ଷ ମଧ ଏଠାରେ ଏପରି ଦୁର୍ଘଟଣା ଘଟି ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା । ଏପରି ସେହି ସ୍ଥାନରେ ଅନେକ ସମୟରେ ପାଣିରେ ବୁଡି ପିଲାଙ୍କ ମୃତ୍ୟୁ ଘଟୁଛି । ତେଣୁ ସେଠାରେ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।



ପୋଲିସଙ୍କ ଦ୍ୱାରା ଆୟୋଜିତ ପରେଡ଼ ।

# ପୋଲିସ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ରାୟଗଡା ଅଫିସ୍/ଜେକେପୁର, ୨୧।୧୦**

ଜାତୀୟ ପୋଲିସ ଦିବସ ଅବସରରେ ଚାନ୍ଦିଲିସ୍ଥିତ ଜେକେପୁର ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ଶହୀଦ୍ ଦିବସ ପାଳିତ ହୋଇଯାଇଛି । ଏଥିରେ ଏସ୍‌ପି ରାହୁଲ ପିଆର୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗତବର୍ଷ ନିୟମଗିରି ପାହାଡରେ ଶହୀଦ୍ ହୋଇଥିବା ଡିଭିଏଫ୍ ଯବାନ୍ ସଞ୍ଜୟ ମାଝି ଓ ଗ୍ରାମରକ୍ଷୀ ସୁବାସ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସେମାନଙ୍କ ସାହାସିକତା କାର୍ଯ୍ୟର ସ୍ମୃତିଚାରଣ କରିଥିଲେ । ଗ୍ରାମରକ୍ଷୀ ସୁବାସଙ୍କ ପରିବାରଙ୍କୁ ତୁରନ୍ତ ଘରଡ଼ିହ ପଟ୍ଟା,ଇନ୍ଦିରାଆବାସ ଯୋଗାଇ ଦିଆଯିବ ବୋଲି ଏସପି ପ୍ରତିଶ୍ରୁତି ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଜିଲାପାଳ ଗୁହା ପୁନମ ତାପସ କୁମାର ଓ ସମ୍ମାନିତ ଅତିଥି ଭାବେ ଜେକେ କାଗଜକଳର ନିର୍ବାହୀ ଉପସଭାପତି ପବନ କୁମାର ସୁରୀ,ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ପ୍ରଦୀପ୍ତ ମିଶ୍ର ଯୋଗ ଦେଇଥିଲେ । ଏହି ଅବସରରେ ରିଜର୍ଭ ଇନ୍ସପେକ୍ଟର ରଞ୍ଜିତ୍ ହେମ୍ବ୍ରମ,ଡ଼େପୁଟି ସବ ଇନ୍ସପେକ୍ଟର ଭାସ୍କର ପ୍ରଧାନଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସଙ୍କ ଦ୍ୱାରା ପରେଡ୍ ଅନୁଷ୍ଠିତ ହୋଇଥିଲା । ଅପରପକ୍ଷରେ ଶହୀଦ୍ ସଞ୍ଜୟଙ୍କ ବାପା ଜନମ ମାଝି ଓ ଭଉଣୀ ମଞ୍ଜରୀ ମାଝି ଦିଲ୍ଲୀଠାରେ ଆୟୋଜିତ ଜାତୀୟ ପୋଲିସ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସଞ୍ଜୟଙ୍କ ବଳିଦାନ ପାଇଁ କେନ୍ଦ୍ର ଗୃହ ବିଭାଗ ତାଙ୍କ ବାପାଙ୍କୁ ସମ୍ମାନିତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି ।

## ଗଛରୁ ଖସି ବାଳକ ଗୁରୁତର

**ପଦ୍ମପୁର,୨୧।୧୦(ଡ଼ି.ଏନ.ଏ)**

ପଦ୍ମପୁର ବ୍ଲକ ଅନ୍ତର୍ଗତ ଜରିପାଙ୍ଗା ଗ୍ରାମରେ ଗଛରୁ ପଡ଼ି ଜଣେ ୧୨ ବର୍ଷର ବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଶୁଭଙ୍କର ଶବର । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପଦ୍ମପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁଣପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଶୁଭଙ୍କର ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଏକ ଗଛରେ ଚଢିଥିଲେ । ଅସାବଧାନତା ଯୋଗୁ ତାଙ୍କ ଗୋଡ଼ ଖସି ଯିବାରୁ ସେ ତଳେ ପଡ଼ିଯାଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ ।



# ବିପଦସଙ୍କୁଳ ଗଛ ହଟାଗଲା



ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ଗଛ କାଟୁଛନ୍ତି ।

**ରାୟଗଡା ଅଫିସ୍, ୨୧।୧୦**

ତିତ୍‌ଲିର ପ୍ରଭାବରେ ରାୟଗଡା ସହରର ବିଭିନ୍ନ ଅଞ୍ଚଳରେ ବହୁ ଗଛ ଏବଂ ବିଦ୍ୟୁତ୍‌ଖୁଣ୍ଟ ଉପୁଡି ପଡ଼ିଥିଲା । ଅନେକ ସ୍ଥାନରେ ଗଛ ଭାଙ୍ଗି ପଡିଥିବା ଯୋଗୁ ଯାତାୟାତ ବିଚ୍ଛିନ୍ନ ହୋଇଥିଲା । ପୌର ପରିଷଦ ଅଧିନରେ ଥିବା ୪ ନଂ ୱାର୍ଡର ଝୋଡିଆ ସାହି ନିକଟ ପାହାଡରେ ଥିବା ନିଳଗିରି ଗଛ ଉପୁଡି ପଡିଥିଲା । ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଉପଜିଲାପାଳ ପ୍ରବୀର କୁମାର ନାୟକ, ଅତିରିକ୍ତ ତହସିଲଦାର ସୁନୀଲ ଖରା, ପୌର ପରିଷଦ ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ ପ୍ରମୁଖଙ୍କ ନେତୃତ୍ୱରେ କୋରାପୁଟରୁ ଆସିଥିବା ଓଡ୍ରାଫ୍ ଟିମ୍ ଏବଂ ରାୟଗଡା ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ମିଳିତ ସହଯୋଗରେ ୪ନମ୍ବର ୱାର୍ଡରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୬ଟି ବିରାଟକାୟ ନିଳଗିରି ଗଛକୁ କଟାଯାଇଥିଲା । ଏହି କାର୍ଯ୍ୟରେ କୋରାପୁଟ ଓଡ୍ରାଫ୍ ଟିମ୍‌ର ଗୋପାଳକୃଷ୍ଣ ନାୟକ, ଏସ୍.କେ ଦଣ୍ଡସେନା, ମହେଶ ଖରା, ମାଝି ଶବର, ସୁନ୍ଦର ଦଳେଇ,ପୀତାମ୍ବର ସାହୁ, ରମାକାନ୍ତ ବେହେରା, ସୁନ୍ଦର ନାୟକଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

## ମଜୁରି ନିର୍ଦ୍ଧାରଣ ନେଇ ପୋଷ୍ଟକାର୍ଡ଼ ଅଭିଯାନ

**ଟିକିରି,୨୧।୧୦(ଡ଼ି.ଏନ.ଏ)**

କାଶୀପୁର ବ୍ଲକ ଡ଼ଙ୍ଗାସିଲସ୍ଥିତ ସାପ୍ତାହିକ ହାଟରେ ଦିନ ମଜୁରିଆ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ ନେଇ ପୋଷ୍ଟକାର୍ଡ଼ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନ ଜାଗରଣ ମଞ୍ଚ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମିକଙ୍କ ମଜୁରି ନିର୍ଦ୍ଧାରଣ କରିବା ନେଇ ହାଟକୁ ଆସିଥିବା ଲୋକମାନେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ଼ ଜରିଆରେ ଦାବି କରିଥିଲେ । ରାଜ୍ୟ ସରକାରଙ୍କ ସର୍ବନିମ୍ନ ମଜୁରି ୧୮୫ ଟଙ୍କା ଥିବା ବେଳେ କେନ୍ଦ୍ର ସରକାରଙ୍କ ୨୨୪ ଟଙ୍କା ଦୈନିକ ମଜୁରି ରହିଛି । ରାଜ୍ୟ ସରକାର ଶ୍ରମିକଙ୍କୁ ଉପଯୁକ୍ତ ମଜୁରି ଦେଉ ନ ଥିବାରୁ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି । ଏଥିଲାଗି ପ୍ରାୟ ୨ ହଜାର ପୋଷ୍ଟକାର୍ଡ଼ ପଠାଯାଇଥିବା ମଞ୍ଚର କର୍ମକର୍ତ୍ତା ନବୀନ ନାଏକ, ଧନସିଂ ମାଝି, ଶିବରାମ ନାଏକ, ଲକ୍ଷ୍ମୀ ସାହୁ,କେଶବ ମାଝି ପ୍ରମୁଖ ପ୍ରକାଶ କରିଥିଲେ ।

## ମହାମାରି ରୋକିବା ନେଇ ସଚେତନତା

**ଗୁଣପୁର,୨୧।୧୦(ଡି.ଏନ.ଏ)**

ବାତ୍ୟା ପରେ ମହାମାରି ରୋକିବା ସହ ସଚେତନତା କରିବା ଏବଂ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏହିକ୍ରମରେ ଗୁଣପୁର ବ୍ଲକ ଏବଂ ପୌରାଞ୍ଚଳରେ କାର୍ଯ୍ୟକ୍ରମ କରିବା ପାଇଁ ଗତ ୧୫ ତାରିଖରୁ ୩ଟି ଗାଡି କଳାହାଣ୍ଡି ଅଞ୍ଚଳରୁ ଆସି ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ । ୧୨୦ ଗ୍ରାମକୁ ଯାଇ ୧୬୫୦ରୋଗୀଙ୍କୁ ଔଷଧ ପ୍ରଦାନ କରିଥିଲେ । ୧୦୦ଟି କୂପ ଏବଂ ୯୦ଟି ନଳକୂପ ବିଶୋଧନ କରିଥିଲେ। ୨୦ଟି ଗ୍ରାମସଭା କରି ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିଥିଲେ। ଏପରି ଅନେକ ସଚେତନତା ଏବଂ ସେବା ଯୋଗାଇ ଥିବାରୁ ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ରହି ପ୍ରଶଂସା ପତ୍ର ଦେଇ ସମ୍ମାନିତ କରିଥିଲେ । ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ଶ୍ରବଣ ସାହୁକାର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୋପାଳକୃଷ୍ଣ ପଟ୍ଟନାୟକ, ବିପିଏମ ଭି.ଭି.ସନ୍ତୋଷ କୁମାରଙ୍କ ସହ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏନଏସି ପୂର୍ବତନ ଅଧକ୍ଷ ଶିବ ପ୍ରସାଦ ଗୌଡ ମଧ୍ୟ ଯୋଗ ଦେଇଥିଲେ ।



ବିଧାୟକ ତ୍ରିନାଥ ଗମାଙ୍ଗ ପ୍ରଶଂସା ପତ୍ର ଦେଉଛନ୍ତି ।

# କାର୍ଯ୍ୟକ୍ଷମ ହେଉନି କାଶୀପୁର ସବ୍‌ଜେଲ୍



ନବନିର୍ମିତ କାଶୀପୁର ସବ୍‌ଜେଲ ।



କାଶୀପୁରରେ ନିର୍ମିତ ହୋଇଥିବା କ୍ୱାର୍ଟର୍ସ ।

**ରାୟଗଡା ଅଫିସ୍, ୨୧।୧୦**

**୧୦ ବର୍ଷ ହେଲା**
- ଚତୁଃପାର୍ଶ୍ୱରେ କୃତ୍ରିମ ଜଙ୍ଗଲ ସୃଷ୍ଟି
- ୩ କୋଟି ୫୦ ଲକ୍ଷରେ ନିର୍ମାଣ ହୋଇଥିଲା
- ଖାଲି ପଡ଼ିଛି କ୍ୱାର୍ଟର୍ସ
- ନିଯୁକ୍ତ ହୋଇଛନ୍ତି ୩ ୱାର୍ଡ଼ର

ରାୟଗଡା ଜିଲାରେ ଦିନକୁ ଦିନ କଏଦୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ୨୦୦୮ରେ ରାୟଗଡା ଜିଲାର କାଶୀପୁରଠାରେ ଏକ ସବ୍‌ଜେଲ୍ ନିର୍ମାଣ କରାଯାଇଥିଲା । ଇତିମଧ୍ୟରେ ୧୦ ବର୍ଷ ବିତିଲାଣି ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ଜେଲ୍ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ପୋଲିସ ହାଉସିଂ ବୋର୍ଡ ନିଗମଃ ପ୍ରାୟ ୩ କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଥିଲା । ୨୦୧୩ ରେ ଜେଲ୍ ବିଭାଗକୁ ଏହା ହସ୍ତାନ୍ତର କରାଯାଇଛି । ହେଲେ ଉକ୍ତ ସବ୍‌ଜେଲ୍‌ଟି ହସ୍ତାନ୍ତର ହେବାର ଦୀର୍ଘ ୫ବର୍ଷ ବିତିଯାଇଥିଲେ ବି ଏହା ଉଦ୍‌ଘାଟନ ହୋଇପାରିନାହିଁ । ଯାହାଦ୍ୱାରା ଉକ୍ତ ନବନିର୍ମିତ ଜେଲ୍‌ର ଚତୁଃପାର୍ଶ୍ୱରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି । କାର୍ଯ୍ୟକ୍ଷମ ନ ହେବାରୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ବିଭାଗ ପକ୍ଷରୁ ଉକ୍ତ ଜେଲ୍ ପାର୍ଶ୍ୱରେ ନିର୍ମାଣ କରାଯାଇଥିବା କ୍ୱାର୍ଟରଗୁଡିକ ମଧ ଖାଲିପଡିଛି । ଉକ୍ତ ଜେଲ୍‌ରେ ରହିବାକୁ ଥିବା କଏଦୀମାନଙ୍କୁ ବାଧହୋଇ ରାୟଗଡା ଉପକାରାଗାରରେ ରଖାଯାଉଥିବା ଜଣାଯାଇଛି । କାଶୀପୁରଠାରେ ଥିବା କୋର୍ଟରେ ଯେଉଁ ଅଭିଯୁକ୍ତମାନଙ୍କର ବିଭିନ୍ନ ମାମଲାକୁ ନେଇ ବିଚାର ଚାଲୁଛି ସେମାନଙ୍କୁ ପ୍ରତିଦିନ କଡା ସୁରକ୍ଷାବଳୟ ମଧରେ ରାୟଗଡା ଉପକାରାଗାରରୁ କାଶୀପୁର କୋର୍ଟକୁ ନେବା ଆଣିବା କରାଯାଉଛି । ଏଥିପାଇଁ ସରକାରୀ ରାଜକୋଶରୁ ଅଯଥା ଅନେକ ଅର୍ଥ ଖର୍ଚ୍ଚ ହେବାରେ ଲାଗିଛି । କଏଦୀମାନଙ୍କୁ ନେବା ଆଣିବା କରିବାରେ ଏବଂ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ନିମନ୍ତେ ପୋଲିସକୁ ଅଧିକ କସରତ କରିବାକୁ ପଡୁଛି । ତେବେ କେଉଁ କାରଣରୁ ଏହା ଦୀର୍ଘବର୍ଷ ହେଲା ପଡିରହିଛି ଏବଂ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ ତାହାର ଉତ୍ତର କାହା ପାଖରେ ନାହିଁ ।

କାଶୀପୁର ମହକୁମା ଠାରୁ ପ୍ରାୟ ୩କି.ମି ଦୂରରେ ନବନିର୍ମିତ ଉପକାରାଗାର ଅବସ୍ଥିତ । ଯେଉଁଠାରେ ଏହା ନିର୍ମାଣ ହୋଇଛି ତାହାର ଚତୁଃପାର୍ଶ୍ୱରେ ବିରାଟକାୟ ପାହାଡ ସାଙ୍ଗକୁ ଘଞ୍ଚ ଜଙ୍ଗଲ ଲାଗି ରହିଛି । ସୁରକ୍ଷା ଦୃଷ୍ଟିକୋଣରୁ ଉକ୍ତ ଜେଲ୍‌ଟିକୁ କାର୍ଯ୍ୟକ୍ଷମ କରାଯାଇପାରି ନ ଥିବା ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି । ଏହି ଜେଲ୍‌ଟିକୁ ଜଗିବା ପାଇଁ କେବଳ ୩ଜଣ ୱାର୍ଡରଙ୍କୁ ସେଠାରେ ନିୟୋଜିତ କରାଯାଇଛି। ଉକ୍ତ ୱାର୍ଡରମାନେ ଦୀର୍ଘବର୍ଷ ଧରି ସେଠାରେ ରହି ଦରମା ନେଉଛନ୍ତି । ଏଠାରେ ପ୍ରାୟ ୩୦୦ କଏଦୀଙ୍କ ରହିବା ବ୍ୟବସ୍ଥା ରହିଛି । ରାୟଗଡା ସହରରେ ଥିବା ଉପକାରାଗାରରେ ୧୦୧ କଏଦୀଙ୍କ ପାଇଁ ସ୍ଥାନ ଥିବାବେଳେ ବର୍ତ୍ତମାନ ୧୩୪ ଜଣ ପୁରୁଷ ଓ ଜଣେ ମହିଳା କଏଦୀ ଅଛନ୍ତି । ଫଳରେ ଜେଲ୍ ପରିସରରେ ପିଇବା ପାଣି ଠାରୁ ଆରମ୍ଭ କରି ପରିମଳ ବ୍ୟବସ୍ଥା ଏପରି ଅନେକ ସମସ୍ୟା ଲାଗି ରହିଛି । ଏଥିସହିତ କେବେକେବେ ଆଇନଶୃଙ୍ଖଳା ପରିସ୍ଥିତି ମଧ ଉପୁଜୁଛି । ରାୟଗଡ଼ା ଉପକାରାଗାରକୁ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲା କାରାଗାରର ମାନ୍ୟତା ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳିପାରିନାହିଁ । ଜିଲା ଜେଲ୍ ନିର୍ମାଣ ପାଇଁ ପ୍ରାୟ ୫ଏକର ଜମିର ଆବଶ୍ୟକତା ରହିଛି । ସହରର ଚତୁଃପାର୍ଶ୍ୱରେ ଶତାଧିକ ଏକର ସରକାରୀ ଜମି ଏବେବି ବହୁ ଲୋକଙ୍କ ଜବରଦଖଲରେ ରହିଛି । ତେଣୁ ଜିଲା ଜେଲ୍ ନିର୍ମାଣ ପାଇଁ କୌଣସି ସ୍ଥାନ ନିରୂପଣ ହୋଇପାରିନାହିଁ । ଏନେଇ ରାୟଗଡା ଉପକାରାଗାର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ସୁରେନ୍ଦ୍ରନାଥ ବାରିକଙ୍କୁ ପଚାରିବାରୁ, ଦୀର୍ଘଦିନ ହେଲା ରାୟଗଡା ଉପକାରାଗାରରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଖାଲିପଡିଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ଜେଲ୍‌ର ଚତୁଃପାର୍ଶ୍ୱରେ ସୁରକ୍ଷା ପାଇଁ ନିର୍ମାଣ କରାଯାଇଥିବା ଟାୱାରଗୁଡିକରେ ପୋଲିସ ଫୋର୍ସ ମୁତୟନ କରାଯାଇପାରିନାହିଁ । ରାୟଗଡା ଉପକାରାଗାରରେ ମୋଟ ୧୫ରୁ ୧୬ଟି ସିସିଟିଭି କ୍ୟାମେରା ଲଗାଯାଇଛି । ଆହୁରି ଅଧିକ କ୍ୟାମେରା ଏବଂ ଟାୱାର ପୋଷ୍ଟରେ ସୁରକ୍ଷାକର୍ମୀ ମୁତୟନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ପ୍ରଦାନ କରାଯାଇଛି ବୋଲି କହିଥିଲେ ।

# କେହି ରହିବେ ନାହିଁ ଅଶିକ୍ଷିତ

ମାଲକାନଗିରି,୨୧।୧୦(ଡି.ଏନ.ଏ.)

ମାଲକାନଗିରି ଜିଲାରେ ବସବାସ କରୁଥିବା ସମସ୍ତ ଆଦିବାସୀ ସମ୍ପ୍ରଦାୟର ଝିଅପୁଅମାନେ ଅଶିକ୍ଷିତ ରହିବେ ନାହିଁ। ସମସ୍ତେ ପାଠ ପଢିବେ । ଶିକ୍ଷାର ଉନ୍ନତି ହେଲେ ଜିଲାର ବିକାଶ ସହିତ ଏହି ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ହେବ । ମାଲକାନଗିରି ଜିଲା ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ରବିବାର କିସ୍ ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି । ମାଲକାନଗିରି ବାଳିକା ମହାବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ଜେନା, ଏମ.ଭି. -୦୭ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଈଶ୍ୱର ରାଓ, କିସ୍‌ର ଜିଲା ସଂଯୋଜକ ଜୟନ୍ତୀ ବୁରୁଦା, ବିନାଶ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ୧୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟର ବାଳିକାବାଳକ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, କିସ୍ ତରଫରୁ ରାଜ୍ୟର ୩୯ ହଜାର ବାଳିକା ବାଳକ ଭୁବନେଶ୍ୱରଠାରେ ମାଗଣାରେ ଶିକ୍ଷା ଗ୍ରହଣ ସହ ସେମାନଙ୍କ ସମସ୍ତ ଦାୟିତ୍ୱ କିସ୍ ପ୍ରତିଷ୍ଠାନ ତରଫରୁ କରାଯାଉଛି। ମାଲକାନଗିରି ଜିଲାରୁ ୧୨୦୦ ଶିଶୁ କିସ୍‌ରେ ଅଧ୍ୟୟନ କରୁଛନ୍ତି। ଆଗାମୀ ଦିନରେ ଏହି ଜିଲାରୁ ଅନେକ ଅବହେଳିତ ଶିଶୁମାନଙ୍କୁ କିସ୍‌ରେ ଶିକ୍ଷା ଗ୍ରହଣ ପାଇଁ ସୁଯୋଗ ଦେଇ ସମସ୍ତେ ପଢିବେ ଯୋଜନାରେ ସାମିଲ କରାଯିବ। କାର୍ଯ୍ୟକ୍ରମକୁ ପ୍ରସାଦ ନାୟକ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।


୫୯ତମ ପୋଲିସ ଶହୀଦ ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।

# ୫୯ତମ ପୋଲିସ ଶହୀଦ ଦିବସ ପାଳିତ

ମାଲକାନଗିରି,୨୧।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୋଲିସ ପଡିଆଠାରେ ୫୯ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ଅରକ୍ଷୀ ଅଧୀକ୍ଷକ ଜଗ ମୋହନ ମୀନା ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି ଦେଶ ମାତୃକାର ସେବା କରି ଜୀବନକୁ ବଳିଦାନ ଦେଇଥିବା ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ଏଥିପୂର୍ବରୁ ଶହୀଦ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଏସଡିପିଓ ବିବେକ ସାରବଣ ଏମ, ଆର.ଆଇ. ଶ୍ୟାମସୁନ୍ଦର ସୋରେନଙ୍କ ସମେତ ବହୁ ବରିଷ୍ଠ ପୋଲିସ ପଦାଧିକାରୀ ଉପସ୍ଥିତ ଥିଲେ।

# ତିତ୍‌ଲି ପୀଡିତଙ୍କ ନିକଟରେ ସହାୟତା ପହଞ୍ଚାଉଛି ଚାଇଲ୍ଡ ଲାଇନ୍

ପାରଳାଖେମୁଣ୍ଡି, ୨୧।୧୦ (ସ୍ୱ.ପ୍ର.)

ଗଜପତି ଜିଲାରେ ବାତ୍ୟା ତିତ୍‌ଲି ପ୍ରଭାବରେ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଚାଇଲ୍ଡଲାଇନ ଏବଂ ଜିଲା ପ୍ରଶାସନ ମିଳିତ ସହଯୋଗରେ ପୀଡିତଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ମୁଖ୍ୟତଃ ରାୟଗଡ ବ୍ଲକର ବିଭିନ୍ନ ସ୍ଥାନରେ ଅଧିକ କ୍ଷୟକ୍ଷତି ହୋଇଛି। ଅନେକ ସ୍ଥାନରେ ଲୋକମାନେ ନିଜର ସହାୟତା ଅର୍ଥ ସଂଗ୍ରହ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପାରୁନାହାନ୍ତି । ସେହି ସବୁ ସ୍ଥାନରେ ଚାଇଲ୍ଡ ଲାଇନ ସଦସ୍ୟମାନେ ଜିଲା ପ୍ରଶାସନର ସହଯୋଗରେ ଘରକୁ ଘର ବୁଲି ସହାୟତା ରାଶି ପହଞ୍ଚାଇ ଦେଉଥିବା ଜିଲା ଚାଇଲ୍ଡ ଲାଇନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଅନେକ ସ୍ଥାନରେ ଲୋକମାନେ ବାତ୍ୟା ପ୍ରଭାବରେ ଶାରୀରିକ ଭାବେ ଅକ୍ଷମ ହୋଇପଡିଥିବାରୁ ସେମାନେ ନିଜ ସହାୟତା ରାଶି ଅର୍ଥ କିମ୍ବା ଚାଉଳ, ରାଶନ ସାମଗ୍ରୀ ଆଦି ଗ୍ରହଣ କରିବାକୁ ବଣ୍ଟନ କେନ୍ଦ୍ରରେ ପହଞ୍ଚିପାରୁନାହାନ୍ତି। ସେମାନଙ୍କୁ ମଧ୍ୟ ଚାଇଲ୍ଡ ଲାଇନ ସଦସ୍ୟ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଥିବା ଜିଲା ଚାଇଲ୍ଡ ଲାଇନ ସଂଯୋଜକ ସାଇପ୍ରସାଦ ସାମଲ କହିଛନ୍ତି।


ପୀଡିତଙ୍କୁ ଚାଇଲଡ୍ ଲାଇନ ପକ୍ଷରୁ ସଦସ୍ୟମାନେ ସହାୟତା ଯୋଗାଇ ଦେଉଛନ୍ତି।




■୨୧ବର୍ଷ ପରେ ୧୯୯୭ ବ୍ୟାଚ ବନ୍ଧୁମିଳନ

# ପରସ୍ପର ସ୍ମୃତି ବାଣ୍ଟିଲେ

ପାରଳାଖେମୁଣ୍ଡି, ୨୧।୧୦ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ସକାଳ ୭ଟାରେ ଦୀର୍ଘ ୨୧ବର୍ଷ ପରେ ୧୯୯୭ ବ୍ୟାଚ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । 'ଏସ୍‌କେସିଜିଏନ୍‌ସ୍' ନାମକ ଏକ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଙ୍ଗଠନର ୩ସଦସ୍ୟଙ୍କ ମୃତ୍ୟୁ ଘଟିଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ବନ୍ଧୁମିଳନରେ ସହର, ଜିଲା ଏବଂ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବନ୍ଧୁ ସାମିଲ ହୋଇଥିଲେ। ପାରଳାଖେମୁଣ୍ଡି ସହର ବ୍ୟତୀତ ସୁଦୂର ଚେନ୍ନାଇ, କଲିକତା, ଜଗତସିଂହପୁର ଅଞ୍ଚଳରେ କାର୍ଯ୍ୟରତ ବନ୍ଧୁମାନେ ଯୋଗଦେଇଥିଲେ । କଲେଜ ପରିସରରେ ଭେଟଘାଟ କାର୍ଯ୍ୟକ୍ରମ ପରେ ସମସ୍ତ ବନ୍ଧୁମାନେ ହେଲ୍‌ମେଟ ପରିଧାନ କରି ଏକ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ପରେ ରାୟଗଡ ବ୍ଲକ ଅନ୍ତର୍ଗତ ଗଣ୍ଡାହାତୀଠାରେ ଏକ ବଣଭୋଜି ହୋଇଥିଲା। ବହୁ ବର୍ଷପରେ ଭେଟ ହୋଇଥିବା ବନ୍ଧୁମାନେ ନିଜ ନିଜର ପୁରୁଣା ସ୍ମୃତି ପରସ୍ପର ମଧ୍ୟରେ ବାଣ୍ଟିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଦିଲୀପ ହୋତା, କେ.ହରିପ୍ରସାଦ, ନାରାୟଣ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ବନ୍ଧୁମାନେ ୧୯୯୭ରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ।


ବନ୍ଧୁମିଳନରେ ଏକତ୍ରିତ ହୋଇଥିବା ୧୯୯୭ ବ୍ୟାଚର ବନ୍ଧୁମାନେ।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ